ଏଲ୍.ଆର୍. ମାନଙ୍କ ଦ୍ୱାରା ଭି.ଏସ୍.ଏମ୍.ଆର୍. ଜଗଦିଶଚନ୍ଦ୍ରନ (ମୃତ)

ବନାମ

ଆୟକର ଆୟୁକ୍ତ, ମାଡ୍ରାସ

ଜୁଲାଇ 9, 1997

[ଏସ୍.ସି. ଅଗ୍ରୱାଲ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଆୟକର:*

*ପୁଞ୍ଜିଗତ ଲାଭ – ସଂଗଣନା – କାଟ – 'ଅଧିଗ୍ରହଣର ଖର୍ଚ୍ଚ' କିମ୍ବା ପୁଞ୍ଜି ସମ୍ପତ୍ତିର 'ଅଭିବୃଦ୍ଧିର ଖର୍ଚ୍ଚ' – ଯେଉଁଠାରେ କରଦାତାଙ୍କ ଦ୍ୱାରା ବନ୍ଧକ ସୃଷ୍ଟି କରାଯାଇଥିଲା, ସେହି ସ୍ଥାବର ସମ୍ପତ୍ତିର ବିକ୍ରୟ ଆୟରୁ କରଦାତାଙ୍କ ଦ୍ୱାରା ପରିଶୋଧ କରାଯାଇଥିବା ବନ୍ଧକ ଋଣ, ଯାହା ଅଧିଗ୍ରହଣର ଖର୍ଚ୍ଚ କିମ୍ବା ଅଭିବୃଦ୍ଧିର ଖର୍ଚ୍ଚ ଭାବରେ ପୁଞ୍ଜିଗତ ଲାଭରୁ କାଟି ହେବ ନାହିଁ ।*

*ଆୟକର ଅଧିନିୟମ:*

*ଧାରା 45, 48 ଏବଂ 256(2) ଗୁଡ଼ିକ – ବିଚାରାର୍ଥେ ପ୍ରେରଣ – କରଦାତାଙ୍କ ଆବେଦନରେ ଉଠାଯାଇଥିବା ପ୍ରଶ୍ନ – ଦର୍ଶାଯାଇଛି, କରଦାତାଙ୍କ ଆବେଦନ ଆଇନର ତର୍କଯୋଗ୍ୟ ବିଧିଗତ ପ୍ରଶ୍ନ ଉଠାଇନଥିଲା ଏବଂ ଉଚ୍ଚ ନ୍ୟାୟାଳୟ ସେହି ଆବେଦନକୁ ଯଥାର୍ଥ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ ।*

**କରଦାତା ଋଣଭାର ଏବଂ ଅନ୍ୟାନ୍ୟ ପ୍ଲଟ୍ ର ବଶବର୍ତ୍ତୀ ଥିବା ଏକ ଘର ବିକ୍ରି କରିଥିଲେ, ଏବଂ ରାଜସ୍ୱ ପୁଞ୍ଜି ଲାଭ ଗଣନା କରିଥିଲା । କରଦାତା ଯୁକ୍ତି ଦର୍ଶାଇ ଉକ୍ତ ଗଣନାକୁ ଆପତ୍ତି କରିଥିଲେ ଯେ, ଯେଉଁ ଋଣ ସମ୍ବନ୍ଧରେ ବନ୍ଧକ ନିଷ୍ପାଦିତ କରାଯାଇଥିଲା ତାହା କ୍ରେତାଙ୍କ ଦ୍ୱାରା ବିକ୍ରୟ ମୂଲ୍ୟରୁ ପରିଶୋଧ କରାଯାଇଥିଲା, ଏବଂ ଋଣକୁ ସମ୍ପତ୍ତି ଅଧିଗ୍ରହଣ ମୂଲ୍ୟରେ ବୃଦ୍ଧି ଭାବରେ ବିବେଚନା କରାଯିବା ଉଚିତ ଏବଂ ଯେ କୌଣସି ପରିସ୍ଥିତିରେ ଋଣ ସମ୍ପତ୍ତିର ଅଭିବୃଦ୍ଧି କିମ୍ବା ସମ୍ପତ୍ତିର ସ୍ୱଷ୍ଟ ସ୍ୱତ୍ୱ ପ୍ରାପ୍ତ କରିବାର ମୂଲ୍ୟ ଭାବରେ ସୃଷ୍ଟି କରାଯାଇପାରେ । ତେବେ, ଏଏସି, କରଦାତାଙ୍କ ଏହି ଯୁକ୍ତିକୁ ସମର୍ଥନ କରିଥିଲେ ଯେ, ବିକ୍ରୟ କାର୍ଯ୍ୟବିଧି ସମ୍ବନ୍ଧରେ ଋଣଦାତାମାନଙ୍କର ଏକ ଅଧାରୋହୀ ସ୍ୱତ୍ୱ ରହିଛି ଏବଂ ଏପରି ଅଧାରୋହୀ ସ୍ୱତ୍ୱ ଆଧାରରେ ମୂଳ ଉତ୍ସକୁ ପରିବର୍ତ୍ତନ କରାଯାଇଥିଲା ଏବଂ କରଦାତା ସମ୍ପତ୍ତି ବିକ୍ରି ସମ୍ବନ୍ଧରେ ପୁଞ୍ଜିଗତ ଲାଭ ଅଧୀନରେ ଦୋଷାରୋପିତ ହେବା ପାଇଁ ଉତ୍ତରଦାୟୀ ନଥିଲେ । ନ୍ୟାୟାଧିକରଣ ଦର୍ଶାଇଛନ୍ତି ଯେ, ବନ୍ଧକ ଋଣ ପରିଶୋଧକୁ 'ଅଧିଗ୍ରହଣର ଖର୍ଚ୍ଚ' କିମ୍ବା କରଦାତାଙ୍କ ଦ୍ୱାରା କରାଯାଇଥିବା 'ଅଭିବୃଦ୍ଧିର ଖର୍ଚ୍ଚ' ଭାବରେ ବିବେଚନା କରାଯାଇପାରିବ ନାହିଁ । ତେଣୁ ନ୍ୟାୟାଧିକରଣ ଦର୍ଶାଇଛନ୍ତି ଯେ, ପୁଞ୍ଜି ଲାଭର କାଟ ଯଥାର୍ଥ ନଥିଲା ଏବଂ ଏହି ପ୍ରଶ୍ନକୁ ଉଚ୍ଚ ନ୍ୟାୟଳୟକୁ ଉଲ୍ଲେଖ କରିବାକୁ ମନା କରିଦେଇଛନ୍ତି । ତେଣୁ କରଦାତା ଅଧିନିୟମର ଧାରା 256(2) ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ, ଯାହାକୁ ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଛି ।**

**ଅପିଲକୁ ଖାରଜ କରି, ଏହି ନ୍ୟାୟାଳୟ**

**ଦର୍ଶାଇଥିଲେ : କରଦାତା କୌଣସି ତର୍କଯୋଗ୍ୟ ବିଧିଗତ ପ୍ରଶ୍ନ ଉଠାଇବାକୁ ସଫଳ ହୋଇନଥିଲେ ଏବଂ ଉକ୍ତ ପ୍ରଶ୍ନ ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ଯଥାର୍ଥ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । [86- D]**

*ଅମ୍ରିତ ଏଚକୁଞ୍ଚି ମେନନ* ବନାମ *ସି ଆଇ ଟି,* **(1978) 111 ITR 880, ନାମଞ୍ଜୁର କରାଯାଇଥିଲା ।**

*ଆୟକର ଆୟୁକ୍ତ* ବନାମ *ଭି. ଇନ୍ଦିରା,* **(1979) 119 ITR 837 ଏବଂ** *ଏସ୍. ଭାଲିଆମ୍ମାଇ* ବନାମ *ସି ଆଇ ଟି,* **(1981) 127 ITR 713, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 4385/1997 ।

ଟି.ସି.ପି. ସଂଖ୍ୟା 145/1983ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର 25.7.83 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ସୁଶ୍ରୀ ବେବି କ୍ରିଷ୍ଣା ।

ଉତ୍ତରଦାତାଙ୍କ ପାଇଁ ଜି.ସି. ଶର୍ମା, ବି.କେ. ପ୍ରସାଦ, ବି.ଏସ୍. ଆହୁଜା ଏବଂ ସି. ରାଧା କୃଷ୍ଣ ।

ନ୍ୟାୟାଳୟଙ୍କର ରାୟ

**ଏସ୍. ସି. ଅଗ୍ରୱାଲ, ନ୍ୟାୟମୂର୍ତ୍ତିଙ୍କ** ଦ୍ଵାରା ପ୍ରଦାନ କରାଯାଇଥିଲା । ସ୍ୱତନ୍ତ୍ର ଅନୁମତି ପ୍ରଦାନ କରାଗଲା ।

ଟି.ସି. ସଂଖ୍ୟା 145/1983 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ପାରିତ ଜୁଲାଇ 25, 1984 ତାରିଖର ଆଦେଶ ବିରୁଦ୍ଧରେ କରଦାତାଙ୍କ ଦ୍ଵାରା ଏହି ଅପିଲ ନିର୍ଦ୍ଦେଶିତ ହୋଇଛି ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ଅଧିନିୟମର ଧାରା 256(2) ଅନୁଯାୟୀ ଦାଖଲ ହୋଇଥିବା ଏକ ଆବେଦନ ଉପରେ  ନ୍ୟାୟାଧିକରଣକୁ ଏକ ମାମଲାକୁ ଜଣାଇବାକୁ ନିର୍ଦ୍ଦେଶ ଦେବାକୁ ଏବଂ ଆଇନର ନିମ୍ନଲିଖିତ ବିଧିଗତ ପ୍ରଶ୍ନଗୁଡ଼ିକୁ ଉଚ୍ଚ ନ୍ୟାୟାଳୟକୁ ଉଲ୍ଲେଖ କରିବାକୁ ମନା କରିଦେଇଥିଲେ :-

> "1. ନ୍ୟାୟାଧିକରଣ ଏହା ଦର୍ଶାଇବାରେ ଯଥାର୍ଥ ଥିଲେ ଯେ, 68,400 ଟଙ୍କା ପୁଞ୍ଜିଗତ ଲାଭର କରବସାଣ ମାମଲାର ତଥ୍ୟ ଏବଂ ପରିସ୍ଥିତି ଅନୁଯାୟୀ ଉପଯୁକ୍ତ କି ?
>
> 2. ନ୍ୟାୟାଧିକରଣ ଏହା ଦର୍ଶାଇବାରେ ଯଥାର୍ଥ ଥିଲେ ଯେ, ବନ୍ଧକ ଋଣ ମୂଳ ଉତ୍ସରେ ପରିବର୍ତ୍ତନ ଗଠନ କରେ କି ନାହିଁ  ?
>
> 3. ସମ୍ପତ୍ତି ଉପରେ ଆବେଦନକାରୀଙ୍କ ଦ୍ଵାରା ପରିଶୋଧ କରାଯାଇଥିବା ଋଣକୁ ଅଧିଗ୍ରହଣର ଖର୍ଚ୍ଚ ବୃଦ୍ଧି ବୋଲି କୁହାଯାଇପାରିବ କି ନାହିଁ ?"

କରଦାତା ଘର ସମ୍ପତ୍ତି ସଂଖ୍ୟା 22 କୁ ମୁଥୁରାମା ଆୟାର ରୋଡ, ମଦୁରାଇର ଅଧକ୍ଷଙ୍କୁ ନିର୍ଦ୍ଧାରଣ ବର୍ଷ 1975-76 ରେ ଋଣଭାର ସାପେକ୍ଷରେ 90,000 ଟଙ୍କା ରେ ବିକ୍ରି କରିଥିଲେ ଏବଂ ସେହି ନିର୍ଦ୍ଧାରଣ ବର୍ଷ ପାଇଁ ସେ ଟି.ଏସ୍. ସଂଖ୍ୟା 831/1 ରେ ଥିବା ପ୍ଲଟ୍ ସଂଖ୍ୟା 1, 3 ଏବଂ ପ୍ଲଟ୍ ସଂଖ୍ୟା 4 ର ଅଧାକୁ 12,600 ଟଙ୍କାରେ ବିକ୍ରି

କରିଥିଲେ । ଆୟକର ଅଧିକାରୀ ଉକ୍ତ ସମ୍ପତ୍ତି ସମ୍ବନ୍ଧରେ 68,400 ଟଙ୍କାର ପୁଞ୍ଜିଗତ ଲାଭ ଗଣନା କରିଥିଲେ । କରଦାତା ଅପିଲ ସହକାରୀ ଆୟୁକ୍ତଙ୍କ ସମ୍ମୁଖରେ ପୁଞ୍ଜିଗତ ଲାଭର ଗଣନା ଉପରେ ପ୍ରଶ୍ନ ଉଠାଇଥିଲେ ଏବଂ ଯୁକ୍ତି ଦର୍ଶାଇଥିଲେ ଯେ, ଯେଉଁ ଋଣ ସମ୍ବନ୍ଧରେ ବନ୍ଧକ ନିଷ୍ପାଦିତ କରାଯାଇଥିଲା, ତାହାକୁ ନିଜେ କ୍ରେତାଙ୍କ ଦ୍ୱାରା ବିକ୍ରୟ କାର୍ଯ୍ୟବିଧିରୁ ପରିଶୋଧ କରାଯାଇଥିଲା ଯେ, ଋଣକୁ ସମ୍ପତ୍ତି ଅଧିଗ୍ରହଣ ଖର୍ଚ୍ଚରେ ବୃଦ୍ଧି ବୋଲି ବିବେଚନା କରାଯିବା ଉଚିତ ଏବଂ ଯେ କୌଣସି ପରିସ୍ଥିତିରେ ଋଣକୁ ସମ୍ପତ୍ତିର ଅଭିବୃଦ୍ଧି କିମ୍ବା ସମ୍ପତ୍ତିର ସ୍ୱଚ୍ଛ ସ୍ୱତ୍ୱ ପ୍ରାପ୍ତିର ଖର୍ଚ୍ଚ ଭାବରେ ବିବେଚନା କରାଯାଇପାରେ । ଅପିଲ ସହକାରୀ ଆୟୁକ୍ତ ଉକ୍ତ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ । ସେ, ତଥାପି, କରଦାତାଙ୍କ ଏହି ଯୁକ୍ତିକୁ ସମର୍ଥନ କରିଥିଲେ ଯେ, ବିକ୍ରୟ ମୂଲ୍ୟ ସମ୍ବନ୍ଧରେ ଋଣଦାତାମାନଙ୍କର ଏକ ଅଧାରୋହୀ ସ୍ୱତ୍ୱ ରହିଛି, ଏବଂ ସେଥିପାଇଁ, ଏପରି ଅଧାରୋହୀ ସ୍ୱତ୍ୱ ଆଧାରରେ ମୂଳ ଉତ୍ସକୁ ପରିବର୍ତ୍ତନ କରାଯାଇଥିଲା ଏବଂ କରଦାତା ସମ୍ପତ୍ତିର ବିକ୍ରୟ ସମ୍ବନ୍ଧରେ ପୁଞ୍ଜିଗତ ଲାଭ ଅଧୀନରେ ଦୋଷାରୋପ କରିବାକୁ ଉତ୍ତରଦାୟୀ ନଥିଲେ, ଏବଂ ତେଣୁ, ସେ ଆୟକର ଅଧିକାରୀଙ୍କ ଦ୍ୱାରା ଗଣନା କରାଯାଇଥିବା 68,400 ଟଙ୍କାର ପୁଞ୍ଜି ଲାଭକୁ ହଟାଇ ଦେଇଥିଲେ । ନ୍ୟାୟାଧିକରଣ, *ଅମୃତ ଏଟକୁଟ୍ଟି ମେନନ* ବନାମ *ଆୟକର ଆୟୁକ୍ତ* (1978) 111 ITR 880 ମାମଲାରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଏବଂ *ଆୟକର ଆୟୁକ୍ତ* ବନାମ *ଭି. ଇନ୍ଦିରା* (1979) 119 ITR 837 ମାମଲାରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଅନୁସରଣ କରି ଦର୍ଶାଇଥିଲେ ଯେ, ବନ୍ଧକ ଋଣର ପରିଶୋଧକୁ 'ଅଧିଗ୍ରହଣର ଖର୍ଚ୍ଚ' ଭାବରେ ବିବେଚନା କରାଯାଇପାରିବ ନାହିଁ କିମ୍ବା କରଦାତାଙ୍କ ଦ୍ୱାରା କରାଯାଇଥିବା 'ଅଭିବୃଦ୍ଧିର ଖର୍ଚ୍ଚ' ଭାବରେ ମଧ୍ୟ ବିବେଚନା କରାଯାଇପାରିବ ନାହିଁ । ତେଣୁ, ନ୍ୟାୟାଧିକରଣ ଦର୍ଶାଇଥିଲେ ଯେ, ପୁଞ୍ଜି ଲାଭର କାଟ ଯଥାର୍ଥ ନଥିଲା । ଯେହେତୁ ନ୍ୟାୟାଧିକରଣ ଉପରୋକ୍ତ ଉଲ୍ଲିଖିତ ପ୍ରଶ୍ନଗୁଡ଼ିକୁ ଉଚ୍ଚ ନ୍ୟାୟାଳୟକୁ ବିଚାରାର୍ଥେ ପ୍ରେରଣ କରିବାକୁ ମନା କରିଦେଇଥିଲେ, ତେଣୁ କରଦାତା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଅଧିନିୟମର ଧାରା 256 (2) ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ ଯାହା ଆକ୍ଷେପିତ ଆଦେଶ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଛି । ଉଚ୍ଚ ନ୍ୟାୟାଳୟ *ଏସ୍. ଭାଲିଆମ୍ମାଇ ଏବଂ ଅନ୍ୟଜଣେ ବନାମ ଆୟକର ଆୟୁକ୍ତ* (1981) 127 ITR 713, ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କର ପୂର୍ଣ୍ଣ ବିଚାରପୀଠର ନିଷ୍ପତ୍ତି ଉପରେ ନିର୍ଭର କରିଛନ୍ତି ଏବଂ ଦର୍ଶାଇଛନ୍ତି ଯେ, ସମ୍ପତ୍ତି ଉପରେ ଥିବା ବନ୍ଧକ ଋଣ, ଯାହା ବିକ୍ରିର ବିଷୟବସ୍ତୁ ଥିଲା, ତାକୁ ପରିଶୋଧ କରିବା ଦ୍ୱାରା, କରଦାତା ତାଙ୍କ ସ୍ୱତ୍ୱକୁ ପରିପୂର୍ଣ୍ଣ କିମ୍ବା ଅଭିବୃଦ୍ଧି କରୁ ନାହାଁନ୍ତି କିମ୍ବା ସମ୍ପତ୍ତିକୁ କୌଣସି ପ୍ରକାରେ ଅଭିବୃଦ୍ଧି କରୁ ନାହାଁନ୍ତି, ଏବଂ ତେଣୁ, ବନ୍ଧକ ଋଣ ପରିଶୋଧ ପାଇଁ ପ୍ରଦାନ କରାଯାଇଥିବା ରାଶିକୁ କରଦାତାଙ୍କ ଦ୍ୱାରା ଯୁକ୍ତି ଅନୁଯାୟୀ ଅଧିଗ୍ରହଣର ଖର୍ଚ୍ଚ ପାଇଁ ଗ୍ରହଣ କରାଯାଇପାରିବ ନାହିଁ ।

*ଏସ୍. ଭାଲିଆମ୍ମାଇ ଏବଂ ଅନ୍ୟଜଣେ ବନାମ ଆୟକର ଆୟୁକ୍ତ* (ପୂର୍ବୋକ୍ତ) ମାମଲାରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର ପୂର୍ଣ୍ଣ ବିଚାରପୀଠଙ୍କ ରାୟ ବିରୁଦ୍ଧରେ ଦାଖଲ ହୋଇଥିବା ଦେୱାନୀ ଅପିଲ ସଂଖ୍ୟା 6098-6101/1983 ରେ ଆମେ *ଅମୃତ ଏଟକୁଟ୍ଟି ମେନନ ବନାମ ଆୟକର ଆୟୁକ୍ତ* (ପୂର୍ବୋକ୍ତ) ମାମଲାରେ କେରଳ ଉଚ୍ଚ ନ୍ୟାୟାଳୟଙ୍କର ଦୃଷ୍ଟିକୋଣର ସଠିକତା ଯାଞ୍ଚ କରିଛୁ ଏବଂ ଦର୍ଶାଇଛୁ ଯେ, ଯେ ପର୍ଯ୍ୟନ୍ତ ଏହା ଦର୍ଶାଏ ଯେ, ଯେଉଁଠାରେ ପୂର୍ବ ମାଲିକ ତାଙ୍କ ଜୀବନକାଳ ମଧ୍ୟରେ ସମ୍ପତ୍ତି ବନ୍ଧକ ରଖିଥିଲେ ତାଙ୍କ ଉତ୍ତରାଧିକାରୀଙ୍କ ଦ୍ୱାରା ବନ୍ଧକ ଋଣ ପରିଶୋଧକୁ କରଦାତାଙ୍କ ଦ୍ୱାରା କରାଯାଇଥିବା 'ଅଧିଗ୍ରହଣର ଖର୍ଚ୍ଚ' କିମ୍ବା 'ଅଭିବୃଦ୍ଧିର ଖର୍ଚ୍ଚ' ଭାବରେ ବିବେଚନା କରାଯାଇପାରିବ ନାହିଁ, ଉକ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ସଠିକ ଆଇନ ଧାର୍ଯ୍ୟ କରେ ନାହିଁ । ଏହା ଦର୍ଶାଯାଇଛି ଯେ, ଯେଉଁଠାରେ ପୂର୍ବ ମାଲିକଙ୍କ ଦ୍ୱାରା ତାଙ୍କ ସମୟରେ ଏକ ବନ୍ଧକ ସୃଷ୍ଟି କରାଯାଇଥିଲା ଏବଂ ତାହା ତାଙ୍କ ମୃତ୍ୟୁ ତାରିଖରେ ବିଦ୍ୟମାନ ଥିଲା, ଉତ୍ତରାଧିକାରୀ କେବଳ ସମ୍ପତ୍ତିରେ

ବନ୍ଧକଦାତାଙ୍କ ସୁଧ ହାସଲ କରନ୍ତି ଏବଂ ବନ୍ଧକ ଋଣ ପରିଶୋଧ କରି ସେ ସମ୍ପତ୍ତିରେ ବନ୍ଧକର ସୁଧ ହାସଲ କରନ୍ତି ଏବଂ ତେଣୁ, ବନ୍ଧକ ପରିଶୋଧ କରିବା ପାଇଁ ପ୍ରଦାନ କରାଯାଇଥିବା ପରିମାଣ ହେଉଛି ସମ୍ପତ୍ତିରେ ବନ୍ଧକର ସୁଧ ଅଧିଗ୍ରହଣର ଖର୍ଚ୍ଚ ଯାହା ଅଧିନିୟମର ଧାରା 48 ଅନୁଯାୟୀ ଅଧିଗ୍ରହଣର ଖର୍ଚ୍ଚ ଭାବରେ ବାଦ୍ ଦେବା ଯୋଗ୍ୟ ଅଟେ । ବର୍ତ୍ତମାନର ମାମଲାରେ, ଆମେ ଜାଣିବାକୁ ପାଇଛୁ ଯେ, ବନ୍ଧକକୁ ନିଜେ କରଦାତାଙ୍କ ଦ୍ୱାରା ନିକାସ କରାଯାଇଥିଲା । ଏହା ଏପରି ଏକ ମାମଲା ନୁହେଁ ଯେଉଁଠାରେ ସମ୍ପତ୍ତି ପୂର୍ବ ମାଲିକଙ୍କ ଦ୍ୱାରା ବନ୍ଧକ ରଖାଯାଇଥିଲା ଏବଂ କରଦାତା କେବଳ ବନ୍ଧକ ରଖାଯାଇଥିବା ସମ୍ପତ୍ତିରେ ବନ୍ଧକଦାତାଙ୍କ ସୁଧ ହାସଲ କରିଥିଲେ ଏବଂ ଏହାକୁ ନିକାସ କରି ସେ ଉକ୍ତ ସମ୍ପତ୍ତିରେ ବନ୍ଧକର ସୁଧ ହାସଲ କରିଥିଲେ । ଅଧିନିୟମର ଧାରା 256(2) ଅଧୀନରେ ଉପସ୍ଥାପିତ ହୋଇଥିବା ଆବେଦନରେ କରଦାତାଙ୍କ ଦ୍ୱାରା ଉଠାଯାଇଥିବା ପ୍ରଶ୍ନ, ତେଣୁ କୌଣସି ତର୍କଯୋଗ୍ୟ ବିଧିଗତ ପ୍ରଶ୍ନ ଉଠାଏ ଏବଂ ଉକ୍ତ ଆବେଦନକୁ ଯଥାର୍ଥ ଭାବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା । ଏହି ପରିସ୍ଥିତିଗୁଡ଼ିକରେ, ଯଦିଓ ଆମେ ଆକ୍ଷେପିତ ଆଦେଶରେ ଦିଆଯାଇଥିବା କାରଣ ସହିତ ସହମତ ହେବାକୁ ଅସମର୍ଥ, ଆମେ ଅଧିନିୟମର ଧାରା 256(2) ଅନୁଯାୟୀ କରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଖାରଜ କରି ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ସହିତ ସହମତ ଅଛୁ ।

ତେଣୁ ଏହି ଅପିଲଟିକୁ ଖାରଜ କରାଯାଇଛି । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଆର୍.କେ.ଏସ୍. ଅପିଲ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ